# ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

## ୨୭ ତମ ସାଧାରଣ ଅଧିବେଶନର ବିବରଣୀ

ସଂ - ୪୨୨୮ ତା ୪-୦୮-୧୩

ତା ୩୦.୮.୧୩ରିଖ
ସ୍ଥାନ - ସମ୍ମିଳନୀ କକ୍ଷ
ସମୟ - ପୂର୍ବାହ୍ନ ଘ ୧୧.୦୦ଟିକା

ଅଦ୍ୟ ତା ୩୦.୮.୧୩ ରିଖ ପୂର୍ବାହ୍ନ ଘ.୧୧.୦୦ଟିକା ସମୟରେ ପାରାଦ୍ୱୀପ ପୌର ପରିଷଦର ୨୭ତମ ସାଧାରଣ ଅଧିବେଶନ ଅଧ୍ୟକ୍ଷା ମଞ୍ଜୁଲତା ଜେନାଙ୍କ ପୌରୋହିତ୍ୟରେ ପରିଷଦର ସମ୍ମିଳନୀ କକ୍ଷରେ ନିମ୍ନଲିଖିତ ସଭ୍ୟ/ ସଭ୍ୟାମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା ।

| | | |
|---|---|---|
| ୧. | ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ | ଉପାଧ୍ୟକ୍ଷ |
| ୨. | ଶ୍ରୀଯୁକ୍ତ ନରେଶ ସାହୁ | ପାରିଷଦ ୱାର୍ଡ ନଂ ୧ |
| ୩. | ଶ୍ରୀଯୁକ୍ତ କେଦାରନାଥ ଜେନା | ପାରିଷଦ ୱାର୍ଡ ନଂ ୪ |
| ୪. | ଶ୍ରୀମତୀ ଅନ୍ନପୂର୍ଣ୍ଣା ବେଉରା | ପାରିଷଦ ୱାର୍ଡ ନଂ ୭ |
| ୫. | ଶ୍ରୀଯୁକ୍ତ ଅଜୟ କୁମାର ନାୟକ | ପାରିଷଦ ୱାର୍ଡ ନଂ ୮ |
| ୬. | ଶ୍ରୀମତୀ ଚପଳା ସ୍ୱାଇଁ | ପାରିଷଦ ୱାର୍ଡ ନଂ ୧୦ |
| ୭. | ଶ୍ରୀମତୀ ମାନସି ଜେନା | ପାରିଷଦ ୱାର୍ଡ ନଂ ୧୨ |
| ୮. | ଶ୍ରୀଯୁକ୍ତ ଝାଡେଶ୍ୱର ମାନ୍ନା | ପାରିଷଦ ୱାର୍ଡ ନଂ ୧୩ |
| ୯. | ଶ୍ରୀଯୁକ୍ତ ଦିଲ୍ଲିପ କୁମାର ଦାସ | ପାରିଷଦ ୱାର୍ଡ ନଂ ୧୪ |
| ୧୦ | ଶ୍ରୀଯୁକ୍ତ ମାନସ ରଂଜନ ବିଶ୍ୱାଳ | ପାରିଷଦ ୱାର୍ଡ ନଂ ୧୫ |
| ୧୧. | ଶ୍ରୀମତୀ ଅଞ୍ଜନା ରାଉତରାୟ | ପାରିଷଦ ୱାର୍ଡ ନଂ ୧୬ |
| ୧୨. | ଶ୍ରୀଯୁକ୍ତ ଅକ୍ଷୟ କୁମାର ପରିଡା | ପାରିଷଦ ୱାର୍ଡ ନଂ ୧୮ |

ଅଧିବେଶନ ପ୍ରାରମ୍ଭରେ ଅଧ୍ୟକ୍ଷା ମହୋଦୟା, ଗୃହରେ ଉପସ୍ଥିତ ଥିବା ସମସ୍ତ ସଭ୍ୟ/ସଭ୍ୟା ଓ ପଦାଧିକାରୀ ମାନଙ୍କୁ ସ୍ୱାଗତ ଜଣାଇ ଥିଲେ ଓ ପରେ କାର୍ଯ୍ୟସୂଚୀ ଅନୁଯାୟୀ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

**କାର୍ଯ୍ୟସୂଚୀ ନଂ ୧ -ପୂର୍ବ ବୈଠକ ବିବରଣୀର ଦୃଢ଼ିକରଣ :-**

ଅଧ୍ୟକ୍ଷା ମହୋଦୟା ପୂର୍ବ ବୈଠକ ବିବରଣୀ ଦ୍ୱୟ ଉପରେ ବିଷଦ ଭାବରେ ଆଲୋଚନା ପାଇଁ ଗୃହରେ ପ୍ରସ୍ତାବ ରଖିଥିଲେ । ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସର୍ବ ସମ୍ମତି କ୍ରମେ ପୂର୍ବ ବୈଠକ ଦ୍ୱୟର ବିବରଣୀକୁ ଗୃହରେ ଦୃଢ଼ିକରଣ କରାଯାଇଥିଲା ।

**କାର୍ଯ୍ୟସୂଚୀ ନଂ ୨ -ଗତ ଜୁଲାଇ ମାସର ଆୟବ୍ୟୟ ଗୃହରେ ଉପସ୍ଥାପନ :-**

ସନ ୨୦୧୩ ମସିହା **ଜୁଲାଇ** ମାସର ଆୟ ବ୍ୟୟ ଚିଠାକୁ ଗୃହରେ ପାଠ କରାଯାଇଥିଲା ଓ ତତ୍ ସହିତ ଉପସ୍ଥିତ ଥିବା ସମସ୍ତ ସଭ୍ୟ/ସଭ୍ୟାମାନଙ୍କର ଅବଗତି ନିମନ୍ତେ ପ୍ରେରଣ କରାଯାଇଥିଲା । ଏହା ଉପରେ ସଠିକ୍ ଯାଞ୍ଚ କରାଯାଇ ନିମ୍ନମତେ ଉକ୍ତ ମାସଟିର ଆୟବ୍ୟୟର ଚିଠାକୁ ସର୍ବ ସମ୍ମତି କ୍ରମେ ଅନୁମୋଦନ୍ କରାଯାଇଥିଲା ।

| ମାସ | ଆୟ | ବ୍ୟୟ |
|---|---|---|
| ୨୦୧୩ ଜୁଲାଇ | ଟ. ୧,୦୯,୦୪,୩୬୫.୦୦ଙ୍କା | ଟ.୧,୩୯,୨୫,୭୮୧.୦୦ଙ୍କା |

**କାର୍ଯ୍ୟସୂଚୀ ନଂ ୩ - ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋଚନା :-**

(କ) ଅଧକ୍ଷା ମହୋଦୟା କାର୍ଯ୍ୟସୂଚୀ ମୁତାବକ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଅଲୋଚନା କରିବା ପାଇଁ ଗୃହରେ ପ୍ରସ୍ତାବ ରଖିଥିଲେ ।ଏଥିରେ ଭାଗନେଇ ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ, ଉପାଧକ୍ଷ ଗୃହକୁ ଜଣାଇଥିଲେ ଯେ, ବର୍ତ୍ତମାନ ପରିଷଦ ତରଫରୁ ହାତକୁ ନିଆଯାଇଥିବା ବିଦ୍ୟୁତକରଣ କାର୍ଯ୍ୟରେ କେତେଗୋଟି ଟ୍ରାନ୍ସଫର୍ମର ବସାଯାଇଅଛି ଓ ତାହା କେଉଁ ସ୍ଥାନ ମାନଙ୍କରେ ବସାଯାଇ ଅଛି ତାହା ଜାଣିବା ପାଇଁ ଚାହିଁଥିଲେ । ଉତ୍ତରରେ ନିର୍ବାହୀ ଅଧିକାରୀ ଆସନ୍ତା ପରିଷଦ ବୈଠକରେ ଏହାର ସଠିକ ତଥ୍ୟ ଗୃହକୁ ଜଣାଇଦିଆଯିବ ବୋଲି କହିଥିଲେ । ପୁନଶ୍ଚ ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ, ଉପାଧକ୍ଷ ଗୃହକୁ ଜଣାଇଥିଲେ ଯେ, ପରିଷଦ ତରଫରୁ ବସାଯାଇଥିବା ନଳକୂପ ଓ ଗଭୀର ନଳକୂପ ବାବଦରେ ଚଳିତ ଆର୍ଥିକ ବର୍ଷରେ କେତେ ଅର୍ଥ ବିନିଯୋଗ କରାଯାଇ ଅଛି ଓ ଜନସ୍ୱାସ୍ଥ୍ୟ ବିଭାଗରେ ଗଭୀର ନଳକୂପ ବସାଇବା ପାଇଁ କେତେ ଅର୍ଥ ରାଶି ପରିଷଦ ତରଫରୁ ଅଗ୍ରୀମ ପଇଠ କରାଯାଇ ଅଛି ଓ ଉକ୍ତ ବିଭାଗ ଉକ୍ତ ଅର୍ଥରାଶିର ବିନିଯୋଗ ପ୍ରମାଣପତ୍ର କେତେ ଦାଖଲ କରିଛନ୍ତି ଓ ପରିଷଦ ସଂଲଗ୍ନ କେଉଁ ସ୍ଥାନ ମାନଙ୍କରେ ଏହା ବସାଯାଇ ଅଛି ଏହାର ସଠିକ ଉତ୍ତର ଜାଣିବା ପାଇଁ ଗୃହକୁ ଜଣାଇ ଥିଲେ । ଉତ୍ତରରେ ନିର୍ବାହୀ ଅଧିକାରୀ ଗୃହକୁ ଜଣାଇ ଥିଲେ ଯେ, ଜନସ୍ୱାସ୍ଥ୍ୟ ବିଭାଗ ଏକ ସରକାରୀ ସଂସ୍ଥା । ପାରାଦ୍ୱୀପ ପୌରାଞ୍ଚଳ ଜନସାଧାରଣଙ୍କ ଆବଶ୍ୟକତା ଓ ରାଜ୍ୟ ସରକାରଙ୍କର ଜଳକ୍ଲିଷ୍ଟ ଦୂର କରିବା ପାଇଁ ନିର୍ଦ୍ଦେଶ ମତେ ଉକ୍ତ ସଂସ୍ଥା ଦ୍ୱାରା ଗଭିର ନଳକୂପ ଖନନ କରିବା ପାଇଁ ପରିଷଦ ତରଫରୁ ଅର୍ଥରାଶି ଅଗ୍ରୀମ ଦିଆଯାଇ ଅଛି । ଏହା ଉପରେ ବିଶଦ ଭାବରେ ଆଲୋଚନା କରାଯାଇ ପରିଷଦ ତରଫରୁ ବସାଯାଇଥିବା ନଳକୂପ ଓ ଗଭୀର ନଳକୂପ ର ସଂଖ୍ୟା ଓ ବସାଯାଇଥିବାର ସ୍ଥାନ ଓ ଅଗ୍ରୀମ ଅର୍ଥରାଶିର ପରିମାଣ ଏବଂ ଜନସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ଅର୍ଥରାଶିର ବିନିଯୋଗ ପତ୍ର ଖୁବ୍ ଶିଘ୍ର ପ୍ରସ୍ତୁତ କରିବା ପାଇଁ ଗୃହରେ ଉପସ୍ଥିତ କନିଷ୍ଠ ଯନ୍ତ୍ରୀ ଓ ପୌର ଯନ୍ତ୍ରୀଙ୍କୁ ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ ।

ଖ) ଶ୍ରୀମତୀ ଅଂଜନା ରାଉତରାଏ, ପାରିଷଦ ୱାର୍ଡ ନଂ ୧୬ ଗୃହକୁ ଜଣାଇଥିଲେ ଯେ, ୱାର୍ଡ ନଂ ୧୬ ସଂଲଗ୍ନ ନୂଆବଜାର ତେଲୁଗୁ ବସ୍ତିରେ ଦିର୍ଘଦିନରୁ କାର୍ଯ୍ୟାଦେଶ ପାଇମଧ୍ୟ ଠିକାଦାର କାର୍ଯ୍ୟ କରୁନାହାନ୍ତି । ଏ ବାବଦରେ ପଦସ୍ଥ ଅଧିକାରୀମାନଙ୍କ ନଜରକୁ ଆଣିଲେ ମଧ୍ୟ କାର୍ଯ୍ୟ ହୋଇପାରୁନାହିଁ । ଏଥିରେ ହସ୍ତକ୍ଷେପ କରି ଶ୍ରୀଯୁକ୍ତ ଅଜୟ ନାୟକ, ପାରିଷଦ ୱାର୍ଡ ନଂ ୮ ଗୃହକୁ ଜଣାଇଥିଲେ ଯେ, ଏହା ଉପରେ ପୂର୍ବ ବୈଠକ ମାନଙ୍କରେ ବାରମ୍ବାର ଅଭିଯୋଗ ଅଣାଯାଇ ଅଛି । ମାତ୍ର ଦପ୍ତର ତରଫରୁ ଏଯାବତ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନିଆଯାଇ ନାହିଁ । ତେଣୁ ଯେଉଁ ଠିକାଦାର ମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉନ୍ନୟନ ମୂଳକ କାର୍ଯ୍ୟ ସମାପ୍ତ କରୁନାହିଁନ୍ତି ତୁରନ୍ତ ସେହି ଠିକାଦାର ମାନଙ୍କ ପଂଜିକୃତକୁ ରଦ୍ଦ କରିବା ସଙ୍ଗେ ସଙ୍ଗେ ପଇଠ କରିଥିବା ଅଗ୍ରୀମ ଇ.ଏମ୍.ଡି ରଦ୍ଦ କରାଯାଉ । ଉତ୍ତରରେ ନିର୍ବାହୀ ଅଧିକାରୀ ଉପସ୍ଥିତ ପୌର ଯନ୍ତ୍ରୀଙ୍କୁ ଗୃହକୁ ଏହାର ସ୍ପଷ୍ଟିକରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଉତ୍ତରରେ ପୌର ଯନ୍ତ୍ରୀ ଗୃହକୁ ଜଣାଇଥିଲେ ଯେ, ଯେଉଁ ଠିକାଦାର ମାନେ କାର୍ଯ୍ୟାଦେଶ ପାଇ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ କରୁନାହିଁନ୍ତି ସେମାନଙ୍କୁ ସରକାରୀ ନିୟମାନୁଯାୟୀ କୈଫିୟତ ତଲବ କରାଯାଇ ଅଛି । ଆବଶ୍ୟକ ସ୍ଥଳେ

ସେମାନଙ୍କର କାର୍ଯ୍ୟାଦେଶ ରଦ୍ଦ କରାଯିବ । ଏହା ଉପରେ ଆଲୋଚନା କରାଯାଇ ସରକାରୀ ନିୟମାନୁଯାୟୀ ଖିଲାପି ଠିକାଦାର ମାନଙ୍କ ବିରୁଦ୍ଧରେ ଠିକ ସମୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା ।

ଗ) ଅଧ୍ୟକ୍ଷା ମହାଶୟା ଗୃହକୁ ଜଣାଇଥିଲେ ଯେ, ବିଜୁ ସହରାଞ୍ଚଳ ବିଦ୍ୟୁତ କରଣ ଯୋଜନା ମାଧ୍ୟମରେ ପରିଷଦ ସଂଲଗ୍ନ କେତୋଟି ମୌଜାରେ ବିଦ୍ୟୁତ ସଂଯୋଗୀକରଣ କାର୍ଯ୍ୟ କରିବା ପାଇଁ ସେସୁ କର୍ତ୍ତୃପକ୍ଷେ, ପାରାଦ୍ୱୀପ 'ଗଡ ଏକ ଚିଠା ପ୍ରେରଣ କରିଛନ୍ତି । ଏଥିରେ ପୌରାଞ୍ଚଳର ଅନ୍ତେ ବାସୀ ମାନେ ଉପକୃତ ହେବେ । ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସେସୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରେରଣ କରାଯାଇଥିବା ପ୍ରକଳ୍ପ ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା ।

ଘ) ପରିଷଦ ତରଫରୁ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପର ଆକଳନ ମୂଲ୍ୟ ଟ.୪,୫୫,୫୭,୦୦୦.୦୦ ଙ୍କା ଥିଲା । ମାତ୍ର ଟେଣ୍ଡର ପକ୍ରୀୟା ତୃଟି ଯୋଗୁ ଏହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ କରାଯାଇ ପାରିନାହିଁ । କେବଳ ତଳ ମହଲା ପାଇଁ ପ୍ରକଳ୍ପର ମୂଲ୍ୟ ୩,୫୦,୨୯,୮୦୦/-ଙ୍କା ଧାର୍ଯ୍ୟ କରାଯାଇ ଅଛି । ଏ ସମ୍ବନ୍ଧରେ ଗୃହରେ ବିସ୍ତୃତ ଭାବରେ ଆଲୋଚନା ପରେ ଆବଶ୍ୟକତା ଦୃଷ୍ଟିରୁ ବର୍ତ୍ତମାନ ପାଇଁ କେବଳ ତଳ ମହଲା ପରିଷଦର ନିଜସ୍ୱ ପ୍ଲଟ ନଂ ୪୬ ମୌଜା- ଷଣ୍ଢକୁଦ ରେ ଟ.୩,୫୦,୨୯,୮୦୦ଙ୍କା ବ୍ୟୟ ଅଟକଳରେ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା ।

(ଙ) ଓଡ଼ିଶା ସରକାରଙ୍କର ପତ୍ର ସଂଖ୍ୟା ୨୬୫୧୨ ଓ ୨୬୫୧୩ ତା ୨୬.୮.୧୩ ରେ ପରିଷଦର ବାର୍ଷିକ ପକଳ୍ପ ଖସଡା (ବିଲ୍ଡିଂ ଓ ରୋଡ ଏବଂ ବ୍ରିଜ) ସରକାରଙ୍କ ନିକଟକୁ ପଠାଇବା ପାଇଁ ନିର୍ବାହୀ ଅଧିକାରୀ ଗୃହରେ ପ୍ରସ୍ତାବ ରଖିଥିଲେ । ଏହା ଉପରେ ଆଲୋଚନା କରାଯାଇ ନିମ୍ନମତେ ବାର୍ଷିକ ଖସଡା ଗୃହରେ ଅନୁମୋଦନ ଲାଭ କରିଥିଲା ।

| **Sl No** | **Name of the work (Building)** | **WARD NO** | **Approx Estimated cost in Lakhs** |
|---|---|---|---|
| 1 | Renovation of back side of 2nd floor of Municipal Office Building. | 14 | 357900.00 |
| 2 | Extension and Construction of Conference Hall in 1st floor over Staffs recreation room, Paradeep Municipality , Paradeep | 14 | 1800000.00 |
| 3 | Repairing and Renovation of Municipal Market Complex Building at Atharabanki | 6 | 1500000.00 |
| | TOTAL = | Rs. | **3657900.00** |

| **Sl No** | **Name of the work (Roads & Bridges)** | **WARD NO** | **Approx Estimated cost in Lakhs** |
|---|---|---|---|
| 1 | Improvement of road (Construction of C.C Road) with Construction R.C.C Drain from Cuttack Paradeep Road to Pravakar Lenka house in Sukhua Khala ( From Trilochan Mahanty house to Pravakar Lenka ) Paradeep Municipality , Paradeep | 5 | 1803000.00 |
| 2 | S/R to road with Improvement of road | | |

| | | |
|---|---|---|
| from Lock Bridge to Mantu Sahoo house at Lockpada | 3 | 2572500.00 |
| 3 S/R to road with Improvement of road from Bala house near Truck Association to Boat Yard at Bijayanagar , W.No-03 , Paradeep Municipality , Paradeep | 3 | 4187600.00 |
| 4 Construction of C.C Road and drain from Sahu Babu house to Malayakanta house at Bijayachandrapur | 5 | 131500.00 |
| 5 S/R to road with Improvement of road from Lock Bridge to Radhakrushna Mandir | 3 | 100000.00 |
| 6 Improvement and S/R to road with repair of drain at Udayabata from Bibhor Das house to School and Niranjan Swain house to Dibakar Sahu house | 4 | 2250000.00 |
| 7 Improvement of road from PPT Main road to Biju Memoroal Hospital at Atharbanki, Paradeep and Improvement of Road in Atharbanki Market Complex area | 6 | 2500000.00 |
| 8 Improvement of road from Durga Mandir to Radha Krishna Mandap | 18 | 2000000.00 |
| TOTAL = | | **15544600.00** |

(ଚ) ପାରିଷଦମାନଙ୍କ ଦ୍ୱାରା ଦିଆଯାଇଥିବା ପ୍ରକଳ୍ପ ତାଲିକା ଗୁଡିକ ନିମ୍ନମତେ କାର୍ଯ୍ୟକରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା

ପ୍ରକଳ୍ପ ତାଲିକା

୧. ୱାର୍ଡ ନଂ ୧ ଅଜୟ ବାରିକ ଘର ଠାରୁ ଦିଲିପ ଦାସ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ।

୨. ୱାର୍ଡ ନଂ ୧ ମେନ୍‌ରୋଡ ମସ୍ୟ କନ୍ୟାଠାରୁ ରାଧା କଲୋନୀ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ।

୩ ୱାର୍ଡ ନଂ ୧ ନେହେରୁ କଲୋନୀ ନାରଣ ମାହାନ୍ତି ଘର ଠାରୁ ବିଜୟ ଆଚାର୍ଯ୍ୟ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ।

୪ ୱାର୍ଡ ନଂ ୧ ଫିସେରୀ କଲୋନୀ ଆପାରାଉ ଘର ଠାରୁ ନୀର ମାଦେଲୀ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ।

୫ ୱାର୍ଡ ନଂ ୧ ମାଦେଲୀ ପଡା ଜି. ଚନ୍ଦ୍ରମଣୀ ଘରଠାରୁ ଶରତ ବେହେରା ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ।

୬ ୱାର୍ଡ ନଂ ୧ ମାଦେଲୀ ପଡା ଅକ୍ଷୟ ଡାଲୁଆ ଘର ଠାରୁ ନିରଂଜନ ମଣ୍ଡଳ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ।

୭ ୱାର୍ଡ ନଂ ୧ ବଙ୍ଗାଳୀପଡା ବଟକୃଷ୍ଣ ବାରିକ ଘର ଠାରୁ ଶ୍ରୀକାନ୍ତ ଖୁଣ୍ଟିଆ ଘର ଦେଇ କୈଳାସ ପ୍ରଧାନ ଘର ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ ।

୮ ଅଠରବାଙ୍କୀ ମୁଖ୍ୟ ରାସ୍ତା ଠାରୁ ୱାର୍ଡ ନଂ ୨ ସଂଲଗ୍ନ ବାଲିପ୍ଲଟର ଡମ୍ଫର ଆସୋସିଏସନ୍ ରାସ୍ତାର ଉନ୍ନତି କରଣ ।

୯ ୱାର୍ଡ ନଂ ୨ ବାଲିପ୍ଲଟର ଅଠରବାଙ୍କୀ ମୁଖ୍ୟ ରାସ୍ତା ଠାରୁ ଶୌଚାଳୟ ରାସ୍ତାର ଦୁଇ ପାର୍ଶ୍ୱରେ

ମାଟିବନ୍ଧ ନିର୍ମାଣ ।

୧୦ ୱାର୍ଡ ନଂ ୩ ତ୍ରୀନାଥ ବଣିକ ସଂଘ ଠାରେ କମ୍ୟୁନିଟି ସେଣ୍ଟର ନିର୍ମାଣ ।

୧୧. ୱାର୍ଡ ନଂ ୩ ତଲପଡା ଠାରେ କମ୍ୟୁନିଟି ସେଣ୍ଟର ନିର୍ମାଣ ।

**କାର୍ଯ୍ୟସୂଚୀ ନଂ ୪ - ପରିମଳ ଓ ସ୍ୱାସ୍ଥ୍ୟ ଉପରେ ଆଲୋଚନା :-**

(କ) ଅଧକ୍ଷା ମହାଶୟା କାର୍ଯ୍ୟସୂଚୀ ମୁତାବକ ପରିମଳ କାର୍ଯ୍ୟ ଉପରେ ଆଲୋଚନା କରିବା ପାଇଁ ଗୃହରେ ପ୍ରସ୍ତାବ ରଖିଥିଲେ । ଏଥିରେ ଭାଗନେଇ ଉପାଧକ୍ଷ ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ ଗୃହକୁ ଜଣାଇଥିଲେ ଯେ, ପରିଷଦ ତରଫରୁ ପରିମଳ କାର୍ଯ୍ୟ ପାଇଁ ନିଯୁକ୍ତି ପାଇଥିବା ଠିକାଦାରମାନେ କାର୍ଯ୍ୟର ମାନ ଓ କାର୍ଯ୍ୟସୂଚୀ ମୁତାବକ କାର୍ଯ୍ୟ କରିବା ପାଇଁ ଏକ ସାପ୍ତାହିକ ବିବରଣୀ ଦପ୍ତରରେ ପଇଠ କରନ୍ତୁ । ଉକ୍ତ ପ୍ରସ୍ତାବକୁ ସଠିକ୍ ରୂପେ ପରିଚାଳନା ପାଇଁ ସଂପୃକ୍ତ ୱାର୍ଡ ଜମାଦାର ଓ ପରିମଳ ସୁପରଭାଇଜର ଙ୍କୁ ନିର୍ଦ୍ଦେଶ ଦିଆଯାଉ । ଫଳରେ ପରିମଳ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହେବା ସହିତ ଏହାର ସୁଫଳ ଜନସାଧରଣଙ୍କୁ ମିଳିପାରିବ ।

ପାରାଦ୍ୱୀପ ପୌର ପରିଷଦ ଅଧିନରେ ଡେଙ୍ଗୁର ନିରାକରଣ ପାଇଁ ଚାଲୁରହିଥିବା ବିଟେକ୍ସ ସ୍ପ୍ରେ (ପ୍ରତି ମାସରେ ୪ଥର), ଫଗିଂ (ପ୍ରତି ମାସରେ ଦୁଇଥର), ଏବଂ ଇଣ୍ଡୋର ରେସିଡୁଆଲ ସ୍ପ୍ରେ କାର୍ଯ୍ୟକୁ ପାରିଷଦ ମାନେ ନିୟମିତ ଭାବେ ତଦାରଖ ତଦାରଖ କରିବାର ଆବଶ୍ୟକତା ରହିଛି । ପାରାଦ୍ୱୀପ ପୌର ପରିଷଦର ସୀମା ମଧ୍ୟରେ ବହୁ ଅଂଚଳ ନଦୀ ନାଳ, ଏବଂ କ୍ରିକ୍ ଦ୍ୱାରା ପରିପୂର୍ଣ୍ଣ । ତେଣୁ ଡେଙ୍ଗୁ, ମ୍ୟାଲେରିଆ ନିରାକରଣ ପାଇଁ ପରିଷଦ ତରଫରୁ ନିଆଯାଇଥିବା ଉପରୋକ୍ତ କାର୍ଯ୍ୟକ୍ରମ ଗୁଡିକ ଗତ ୨୩.୮.୧୩ରିଖରୁ ୩୦.୮.୧୩ରିଖି ମଧ୍ୟରେ କରାଯାଇଥିବା ସମୁହ ପରିମଳ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତ ୱାର୍ଡ ଗୁଡିକରେ ପାରିଷଦ, ପୌର କର୍ମଚାରୀ ଏବଂ ବସ୍ତିବାସିନ୍ଦାଙ୍କ ଉପସ୍ଥିତିରେ ବିଶେଷ ଭାବରେ ସଚେତନତା ସୃଷ୍ଟି କରାଯାଇଛି । ଏହି ସମସ୍ତ କାର୍ଯ୍ୟକୁ ଆହୁରି ଅଧିକ କ୍ରିୟାଶିଳ କରିବା ପାଇଁ ପରିଷଦ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲା । ଇତିମଧ୍ୟରେ ପରିଷଦର ବିଭିନ୍ନ ୱାର୍ଡରେ ୨୫ଟି ବଡ ପ୍ଲାଷ୍ଟିକ୍ ଭ୍ୟାଟ ସ୍ଥାପନ କରାଯାଇଥିବା କଥା ସ୍ୱାସ୍ଥ୍ୟ ଅଧିକାରୀ ପ୍ରକାଶ କରିଥିଲେ । ଏହାର ରକ୍ଷଣାବେକ୍ଷଣ ପାଇଁ ପୌର ପରିଷଦର କ୍ଷେତ୍ର ସ୍ତରୀୟ ଅଧିକାରୀ ଏବଂ ପାରିଷଦମାନେ ଯତ୍ନବାନ ହେବାକୁ ପରିଷଦରେ ମତ ପ୍ରକାଶ ପାଇଥିଲା ।

**କାର୍ଯ୍ୟସୂଚୀ ନଂ ୫- ସ୍ୱାୟତ୍ତ ଶାସନ ଦିବସ ଓ ବିଶ୍ୱକର୍ମା ପୂଜା ୨୦୧୩ ଉପରେ ଆଲୋଚନା** :-ଅଧକ୍ଷା ମହାଶୟା କାର୍ଯ୍ୟସୂଚୀ ମୁତାବକ ସ୍ୱାୟତ୍ତ ଶାସନ ଦିବସ ୨୦୧୩ ଓ ବିଶ୍ୱକର୍ମା ପୂଜା ୨୦୧୩ ଉପରେ ଆଲୋଚନା କରିବା ପାଇଁ ଗୃହରେ ପ୍ରସ୍ତାବ ରଖିଥିଲେ । ଉତ୍ତରରେ ନିର୍ବାହୀ ଅଧିକାରୀ ଗୃହକୁ ଜଣାଇଥିଲେ ଯେ, ରାଜ୍ୟ ନିର୍ବାଚନ କମିସନରଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ବାଚନ ଆଚରଣ ବିଧି ସ୍ୱାୟତ୍ତ ଶାସନ ଦିବସ ପାଳନ ଉପଲକ୍ଷେ ଲାଗୁ କରାଯାଇ ଥିବାରୁ ଏହା ନିରାଡମ୍ବର ଭାବେ ପାଳନ କରିବା ପାଇଁ ଗୃହକୁ ଅନୁରୋଧ କରିଥିଲେ । ଏହା ଉପରେ ବିଶଦ ଭାବରେ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇ ଉକ୍ତ ଦିବସକୁ ନିରାଡମ୍ବର ଭାବେ ପାଳନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା ଓ ତତ୍ ସହିତ ଆସନ୍ତା ବିଶ୍ୱକର୍ମା ପୂଜା ୨୦୧୩ ପାଳନ ପାଇଁ ପୂର୍ବ ବର୍ଷ ଭଳି ନିମ୍ନଲିଖିତ କାର୍ଯଗୁଡିକ ପରିଷଦ ତରଫରୁ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା ।

୧. ସୂଚନା କେନ୍ଦ୍ର ଓ ସ୍ୱାସ୍ଥ୍ୟ ଶିବିର ନିର୍ମାଣ ।

୨. ପରିମଳ ସେବା ।

୩. ପୁରସ୍କାର ବିତରଣ ।

୪. ସେଣ୍ଟ୍ରାଲି ମାଇକ ସିଷ୍ଟମ୍ ।

ଆସନ୍ତା ସ୍ୱାୟତ୍ତ ଶାସନ ଦିବସ ଏବଂ ବିଶ୍ୱକର୍ମା ପୂଜା ପାଳନ ଉପଲକ୍ଷେ ଆବଶ୍ୟକ ଅର୍ଥ ପୌର ପାଣ୍ଠିରୁ ଭରଣା କରାଯିବା ପାଇଁ ପରିଷଦ ଅନୁମୋଦନ କରିଥିଲା ।

**କାର୍ଯ୍ୟସୂଚୀ ନଂ ୬. ଅନ୍ୟାନ୍ୟ (ଅଧ୍ୟକ୍ଷାଙ୍କ ଅନୁମୋଦନ କ୍ରମେ ।)**

କ) ଅଧ୍ୟକ୍ଷା ମହୋଦୟା ଗୃହକୁ ଜଣାଇଥିଲେ ଯେ, ପରିଷଦରେ କାର୍ଯ୍ୟରତ ୯୫ ଜଣ କଣ୍ଟ୍ରାକ୍ଟୁଆଲ କର୍ମଚାରୀ ମାନଙ୍କୁ ସେପ୍ଟେମ୍ବର ୨୦୦୯ ଠାରୁ ସେମାନଙ୍କୁ ୱାସିଂ ଆଲାଉନ୍ସ ଓ ପୋଷାକ କ୍ରୟ ପାଇଁ ମାସିକ ୫୦୦ ଟଙ୍କା ମାତ୍ର ଅଧିକ ପ୍ରୋତ୍ସାହନ ଭତ୍ତା ଦିଆଯାଉ ଅଛି । ପ୍ରକାଶ ଥାଉକି ପାରାଦ୍ୱୀପ ଏକ ବନ୍ଦର ଭିତିକ ସହର ହୋଇଥିବାରୁ ଜଣେ ସଫେଇ କର୍ମଚାରୀ ସ୍ୱଳ୍ପ ବେତନରେ ବଞ୍ଚିବା କଷ୍ଟ ସାଧ୍ୟ । ଏହାକୁ ଭିତ୍ତି କରି ଓ ସେମାନଙ୍କର ଆପତ୍ତି ଅନୁରୋଧକୁ ରକ୍ଷାକରି ପରିଷଦ ଅଧିକ ଟ୫୦୦/-ଙ୍କା ମାସିକ ପ୍ରୋତ୍ସାହନ ଭତ୍ତା ଦେଇ ଆସୁଛନ୍ତି । ମାତ୍ରଏହାକୁ ବେନିୟମ ବୋଲି କ୍ରମାଗତ ଭାବେ ଅଡିଟ୍ ରିପୋର୍ଟରେ ଜିଲ୍ଲା ଅଡିଟ୍ ଅଫିସର ଦର୍ଶାଇଛନ୍ତି ଓ ଉକ୍ତ ଅର୍ଥରାଶି ସଂପୃକ୍ତ ପଦାଧିକାରୀମାନଙ୍କ ଠାରୁ ଭରଣା କରାଯିବ ବୋଲି ଜିଲ୍ଲା ଅଡିଟ୍ ଅଫିସରଙ୍କଠାରୁ ନିର୍ଦ୍ଦେଶ ଆସିଅଛି । ଏହା ଉପରେ ଗୃହରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ପରିଷଦର ନିଜସ୍ୱ ପାଣ୍ଠିରୁ ବ୍ୟୟ କରିବା ପାଇଁ ପୂନର୍ବାର ନିଷ୍ପତ୍ତି ଗ୍ରହଣ କରାଗଲା ଓ ପରିଷଦର ଏହି ନିଷ୍ପତ୍ତିକୁ ଜିଲ୍ଲା ଅଡିଟ୍ ଅଫିସର, ଲୋକାଲ ଫଣ୍ଡ ଅଡିଟ୍ କଟକଙ୍କୁ ପତ୍ର ମାଧ୍ୟମରେ ଜଣାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା ।

(ଖ) ନିର୍ବାହୀ ଅଧିକାରୀ ଗୃହକୁ ଜଣାଇ ଥିଲେ ଯେ, ପରିଷଦର ୱାର୍ଡ ନଂ ୫ ଗୃହ ନଂ ୯୪ର ମାଲିକ ସୁଧିର ବିଶ୍ୱାଳ ଅଟନ୍ତି । ୨୦୧୨-୧୩ ମସିହାରେ ପୌର ପରିଷଦର ରାସ୍ତା ତିଆରି କରିବା ସମୟରେ ଉକ୍ତ ଗୃହକୁ ଭାଙ୍ଗି ଦିଆଯାଇଅଛି । ଏ ସଂପର୍କରେ ଶ୍ରୀ ବିଶ୍ୱାଳଙ୍କର ଦରଖାସ୍ତ ଉପରେ ସବିଶେଷ ଆଲୋଚନା କରାଯାଇ, ଉକ୍ତ ଗୃହ ଉପରେ ଧାର୍ଯ୍ୟ କରାଯାଇଥିବା ଗୃହ ଟିକସ ୨୦୧୨-୧୩ ମସିହା ଠାରୁ ଛାଡ କରିବା ପାଇଁ ପରିଷଦ ଦ୍ୱାରା ନିଷ୍ପତ୍ତି ଗ୍ରହଣ କରାଗଲା ।

(ଗ) ପରିଷଦ ତରଫରୁ ବିଭିନ୍ନ ୱାର୍ଡ ମାନଙ୍କରେ ଲଗାଯାଇ ଥିବା ସୌର ବତୀର ସଂଖ୍ୟା ୨୧୯ ଓ ସେଥି ମଧ୍ୟରୁ ୱାର୍ଡ ନଂ ୩ରେ ୨ ଗୋଟି ୱାର୍ଡ ନଂ ୫ରେ ୧ ଗୋଟି, ୱାର୍ଡ ନଂ ୬ରେ ୨ ଗୋଟି, ୱାର୍ଡ ନଂ ୮ରେ ୩ ଗୋଟି ୱାର୍ଡ ନଂ ୯ରେ ୧ ଗୋଟି, ୱାର୍ଡ ନଂ ୧୭ରେ ୨ ଗୋଟି ଓ ୱାର୍ଡ ନଂ ୧୮ରେ ୧ ଗୋଟି ମୋଟ ୧୨ ଗୋଟି ସୌର ବତିର କୌଣସି ପତ୍ତା ମିଳୁନାହିଁ । ଏହା ନିକଟରେ ପରିଷଦ କର୍ମଚାରୀ ଶ୍ରୀ ଜୟଦେବ ଚୌଧୁରୀ ଓ ଶ୍ରୀ ଶ୍ରୀକାନ୍ତ ଚୌଧୁରୀଙ୍କ ପଇଠ କରିଥିବା ସର୍ଭେରିପୋଟରୁ ଜଣାପଡିଛି । ମାତ୍ର ଗତ ୨୫ ତମ ସାଧାରଣ ଅଧିବେଶନ ତା ୧୯.୬.୧୩ରିଖ ରେ ଏହା ଭୁଲ କ୍ରମେ ୨୨୦ ଗୋଟି ସୌର ବତୀରୁ ୨୧୯ ଗୋଟି ବର୍ତ୍ତମାନ ଅଛିବୋଲି ଦର୍ଶଯାଇ ଅଛି । ଏହା ଉପରେ ବିଷଦ ଭାବରେ ଆଲୋଚନା କରାଯାଇ ବର୍ତ୍ତମାନ ୨୦୭ ଗୋଟି ସୌର ବତି ବିଭିନ୍ନ ୱାର୍ଡମାନଙ୍କରେ ଅଛି ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା ।

(ଘ) ଆସନ୍ତା ବାଲିଯାତ୍ରା ପୂର୍ବରୁ ପରିଷଦ ଅଧିନରେ ଚାଲୁରହିଥିବା ବିଭିନ୍ନ ପ୍ରକଳ୍ପ ଯଥା, ଦୋଛକି ନିକଟରେ ସ୍ୱାଗତ ଗେଟ୍, ଅଠରବାଙ୍କୀ ମାର୍କେଟର ବିଲ୍ଡିଂ, ପ୍ଲଟ୍ ନଂ ୪୬ ମୌଜା ଷଣ୍ଡକୁଦ ଠାରେ

ଅଧ୍ୟକ୍ଷାଙ୍କ ବାସଗୃହ, ଶିଶୁ ଉଦ୍ୟାନ, ଷ୍ଟାଫ୍ କ୍ୱାଟର, କମ୍ପାଉଣ୍ଡ ୱାଲ, ସେମି ହାଇମାଷ୍ଟ ଲାଇଟ ର କାର୍ଯ୍ୟ ଅକ୍ଟୋବର ଶେଷ ସୁଦ୍ଧା ସମାପନ କରିବା ପାଇଁ ପରିଷଦରେ ଗୁରୁତ୍ୱ ଆରୋପ କରାଯାଇଥିଲା ।

ପରିଶେଷରେ ଅଧ୍ୟକ୍ଷା ତଥା ସମସ୍ତ ପାରିଷଦଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଗଲା ।

ମଂଜୁଲତା ଜେନା

ଅଧ୍ୟକ୍ଷା,

ପାରାଦ୍ୱୀପ ପୌର ପରିଷଦ

ଜ୍ଞାପକ ସଂଖ୍ୟା ୪୨୨୮ (ପୌ)/ ତା ୪-୦୮-୧୭ /ରିଖ

ଏହାର ଏକକିତା ନକଲ ଉପାଧ୍ୟକ୍ଷ/ ମାନ୍ୟବାର ସାଂସଦ ଜଗତସିଂହପୁରଙ୍କ ପ୍ରତିନିଧି/ମାନ୍ୟବର ବିଧାୟକ, ପାରାଦ୍ୱୀପଙ୍କ ପ୍ରତିନିଧି / ସମସ୍ତ ପାରିଷଦଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ

ପାରାଦ୍ୱୀପ ପୌର ପରିଷଦ

ଜ୍ଞାପକ ସଂଖ୍ୟା ୪୨୩୦(୩)/ ତା ୪-୦୮-୧୭ /ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ଜଗତ୍‌ସିଂହପୁର / ରାଜସ୍ୱ କମିସନର, କେନ୍ଦ୍ରାଞ୍ଚଳ, କଟକ / ନିର୍ଦ୍ଦେଶକ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ନିର୍ବାହୀ ଅଧିକାରୀ

ପାରାଦ୍ୱୀପ ପୌରପରିଷଦ